ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD (OD)/854/11-12-2020**

# ସ୍ୱାଧାର ଗୃହ, ଉଜ୍ଜ୍ୱଳା ଗୃହ ଏବଂ ୱାନ୍‌ଷ୍ଟପ୍ ସେଣ୍ଟରର ମହିଳାମାନଙ୍କ ପାଇଁ ଲିଙ୍ଗଗତ ହିଂସା ପ୍ରତିରୋଧ ସଂପର୍କିତ ୧୬ ଦିନିଆ ସଚେତନତା ଅଭିଯାନ ଅନୁଷ୍ଠିତ

ଭୁବନେଶ୍ୱର :୧୧ ଡିସେମ୍ବର,୨୦୨୦

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ୨୫ ନଭେମ୍ବରଠାରୁ ୧୦ ଡିସେମ୍ବର ୨୦୨୦ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ମହିଳାମାନଙ୍କ ପାଇଁ ଲିଙ୍ଗଗତ ହିଂସା ପ୍ରତିରୋଧ ସଂପର୍କିତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବିଭାଗ ଅଧୀନରେ ସ୍ୱଧାର ଗୃହ, ଉଜ୍ଜ୍ୱଳା ଗୃହ ଏବଂ ୱାନ୍ ଷ୍ଟପ୍ ସେଣ୍ଟରରେ ଥିବା ମହିଳାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ଉପରେ ହେଉଥିବା ହିଂସାର ପ୍ରତିରୋଧ ନିମନ୍ତେ ବ୍ୟାପକ ସଚେତନ କରାଯାଇଛି । କୋଭିଡ୍-୧୯ ମହାମାରୀ ସ୍ଥିତିରେ ଲକ୍‌ଡାଉନ୍ ସମୟରେ ମହିଳାମାନଙ୍କ ଉପରେ ଘରୋଇ ହିଂସା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ରାଜ୍ୟର ମହିଳା, ବାଳିକାମାନଙ୍କୁ ହିଂସାରୁ ସୁରକ୍ଷିତ ଏବଂ ମୁକ୍ତ ରଖିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରୟ ଗୃହଗୁଡ଼ିକର ମହିଳାମାନଙ୍କ ପାଇଁ ଏହି ୧୬ ଦିନିଆ ଅଭିଯାନର ଆୟୋଜନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ନଭେମ୍ବର ୨୫ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧ ଦିବସଠାରୁ ୧୦ ଡିସେମ୍ବର ବିଶ୍ୱ ମାନବାଧିକାର ଦିବସ ପର୍ଯ୍ୟନ୍ତ ପ୍ରତିବର୍ଷ ହେଉଥିବା ଅଭିଯାନର ଅଂଶବିଶେଷ ଭାବେ ଓଡ଼ିଶାର ସମସ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଓଡ଼ିଶାର ୩୦ଟି ଜିଲ୍ଲରେ ଥିବା ୫୪ଟି ସ୍ୱାଧାର ଗୃହ, ୧୦ଟି ଉଜ୍ଜ୍ୱଳା ଗୃହ ଏବଂ ୩୦ଟି ୱାନ୍ ଷ୍ଟପ୍ ସେଣ୍ଟର ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଏହିସବୁ ଗୃହରେ ଥିବା ୨୫୦୦ ମହିଳା ଏବଂ ଶିଶୁ ସିଧାସଳଖ ସଂପୃକ୍ତ ହୋଇ ମହିଳା ହିଂସାର ବିଭିନ୍ନ ଦିଗ ଉପରେ ଜ୍ଞାନ ଆହରଣ କରିଥିଲେ । ସାଧାରଣ ଜନତା ମଧ୍ୟ ମହିଳାମାନଙ୍କ ଉପରେ ହେଉଥିବା ହିଂସା ବିରୁଦ୍ଧରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମହିଳାମାନଙ୍କ ଉପରେ ହେଉଥିବା ଲିଙ୍ଗଗତ ହିଂସାର ପ୍ରତିରୋଧ, ଭ୍ରୁଣ ଚିହ୍ନଟ ଉପରେ ଅଂକୁଶ, ବାଳିକାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ସୁନିଶ୍ଚିତ କରିବା, ବାଳିକାମାନଙ୍କ ଶିକ୍ଷା ଏବଂ ବିଦ୍ୟାଳୟ ନଛାଡ଼ିବା ପାଇଁ ପ୍ରବର୍ତ୍ତାଇବା, ବାଳିକାମାନଙ୍କ ପାଳନପୋଷଣରେ ସଂପୃକ୍ତ ସମସ୍ତ ସହଭାଗୀଙ୍କ ମଧ୍ୟରେ ଝିଅମାନଙ୍କ ଗୁରୁତ୍ୱ ସଂପର୍କରେ ଧାରଣା ସୃଷ୍ଟି କରିବା ଏବଂ ସର୍ବୋପରି ନିଜର ମତ ସାବ୍ୟସ୍ତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ବାଳିକାମାନଙ୍କୁ ସମାନତାର ସହ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ୧୬ ଦିନିଆ ଅଭିଯାନରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନ, ମହିଳାମାନଙ୍କ ପାଇଁ ଘରୋଇ ହିଂସା ପ୍ରତିରୋଧ ଆଇନ ୨୦୦୫, କର୍ମସ୍ଥଳୀରେ ଯୌନ ନିର୍ଯାତନା ଆଇନ ୨୦୧୩, ଅନ୍ୟାନ୍ୟ ବିଭିନ୍ନ ହିଂସା, ମହିଳା ଚାଲାଣ, ମାନବିକ ଅଧିକାର, ବାଲ୍ୟବିବାହ ନିରୋଧ ଆଇନ ଆଦି ସମସ୍ତ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା । କୋଭିଡ୍ ନିୟମାବଳୀର ଅନୁପାଳନପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ, ସଭା, ଶପଥ ଗ୍ରହଣ, କ୍ଷୁଦ୍ର ନାଟକ, ଅଭିନୟ, ରାଲି, ମାନବଶୃଙ୍ଖଳ ଆଦି ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମଗୁଡ଼ିକର ଜିଲ୍ଲାସ୍ତରର ଅଧିକାରୀ, ଶିଶୁ କଲ୍ୟାଣ ସମିତି, ପୋଲିସ୍, ଗଣମାଧ୍ୟମ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ।

ସୁଚେତା ପ୍ରିୟଦର୍ଶନୀ
ସୂଚନା ଅଧିକାରୀ